## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୮ ଗିରଫ

ରାୟଗଡ଼ା,୨୪।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ କର୍ମଚାରୀ ଶେଷଖାଲ ଥାନା ଅନ୍ତର୍ଗତ କେରେଡ଼ା ଓ ଅନିଜା ଗ୍ରାମରେ ଚଢାଉ କରି ଚୋରା ଦେଶୀ ମଦ କାରବାରରେ ସଂପୃକ୍ତ ୪ ମହିଳା ଓ ୪ ଜଣ ପୁରୁଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ରାୟଗଡା ଅବକାରୀ ଥାନା ଅଧିକାରୀ କେସ୍ ନମ୍ବର ୧୩୧/୨୪ରେ ଜଣେ ପୁରୁଷଙ୍କୁ ଗିରଫ କରି ୧୫ ଲିଟର ଦେଶୀ ମହୁଲି ମଦ ଜବତ କରିଛନ୍ତି। ସେହିପରି କେଶ ନଂ ୧୩୨/୨୪-୨୫, ୧୩୩/୨୪-୨୫, ୧୩୪/୨୪-୨୫, ୧୩୫/୨୪-୨୫ ପ୍ରକାରେ ୪ ମହିଳାଙ୍କୁ ଗିରଫ କରି ସେମାନଙ୍କଠାରୁ ୩୭ ଲିଟର ଦେଶୀ ମହୁଲ ମଦ ଜବତ କରାଯାଇଛି । ସେହିପରି ରାୟଗଡା ରେଞ୍ଜର ଓ କାଶୀପୁର ଅବକାରୀ ଷ୍ଟାଫ ସହ ମିଳିତ ଭାବେ ଚାନ୍ଦିଲି ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଚଢ଼ାଉ କରି ୩ ମାମଲା ରୁଜୁ କରିଛି । ଜେକେପୁର ନିକଟସ୍ଥ ଅମଲାଭଟା ଛକ ନିକଟରୁ ଗୋଟି ମୋଟର ସାଇକେଲରୁ ୪୦ ଲିଟର ହାତରନ୍ଧା ଦେଶୀ ମହୁଲ ମଦ ଜବତ କରାଯାଇଛି। ତେବେ ଘଟଣା ସମ୍ପୃକ୍ତ ଥିବା ବ୍ୟକ୍ତି ଫେରାର ଥିବା ଜଣାପଡିଛି। ଚାନ୍ଦିଲି ଥାନା ଅନ୍ତର୍ଗତ ଭୋଇମଡା ଗ୍ରାମରୁ ୫୦ଲିଟର ଦେଶୀ ମହୁଲ ମଦ ଜବତ କରାଯାଇଛି । ଘଟଣାରେ ସଂପୃକ୍ତ ଥିବା ଇପିଲି ଗୌରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଚାନ୍ଦିଲି ଥାନା ଅନ୍ତର୍ଗତ ପାଣ୍ଡୁତୋଳା ଗ୍ରାମରୁ ୧୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇ ଘଟଣାରେ ସମ୍ପୃକ୍ତ ଥିବା ସରସ୍ୱତୀ ସୁନାଶଗଡଙ୍କୁ ଗିରଫ କରାଯାଇଛି ।

### ମୁନିଗୁଡ଼ା ସମସ୍ୟା ସମାଧାନ ପାଇଁ ପ୍ରଗତି ମଞ୍ଚ ଗଠିତ

ମୁନିଗୁଡ଼ା,୨୪।୮ (ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ାର ବିଭିନ୍ନ ସମସ୍ୟାର ସମାଧାନ ତଥା ପ୍ରଗତିକୁ ଦୃଷ୍ଟି ରଖି ନୂତନ ଭାବେ ମୁନିଗୁଡ଼ା ପ୍ରଗତି ମଞ୍ଚ ଗଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବେ ବରିଷ୍ଠ ନାଗରିକ ତଥା ଖବରଦାତା ସିଏଚ୍ .ଗଣେଶ୍ୱର ରାଓଙ୍କୁ ମନୋନୀତ କରାଯାଇଛି। ଉପ ସଭାପତି ଭାବେ ରାଜୀବ ଲୋଚନ ଦାସ, ସମ୍ପାଦକ ସୀମାଞ୍ଚଳ ପଣ୍ଡା, ଯୁଗ୍ମ ସମ୍ପାଦକ ଭାବେ ମନୋରଞ୍ଜନ ଦଳାଇ, କୋଷାଧକ୍ଷ ଭାବେ ନନ୍ଦ କିଶୋର ପଟ୍ଟନାୟକ ପ୍ରମୁଖଙ୍କୁ ଚୟନ କରାଯାଇଛି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ବରିଷ୍ଠ ଆଇନଜୀବୀ ବୃନ୍ଦାବନ ଗୌଡ଼, ରାମଚନ୍ଦ୍ର ବେହେରା, ରତନଲାଲ ଜୈନ, ମୀନକେତନ ଷଡ଼ଙ୍ଗୀ, ଜଗନ୍ନାଥ ନୁନ୍ଦ୍ରୁକା, ନୀଳାମ୍ବର ବିଭାର, ଏମ୍ଡି ଆୟୁବ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ପ୍ରଦୀପ ପରିଚ୍ଛା, ପ୍ରବୀଣ କୁମାର ସିପକା, କେ.ସତ୍ୟନାରାୟଣ ରାଓ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଏଥିସହ ବିଭିନ୍ନ ବର୍ଗର ମହିଳା ସଦସ୍ୟା ଭାବେ ଅମ୍ବିକା ନାୟକ, ଶକୁନ୍ତଳା ନୁନ୍ଦ୍ରୁକା, ସଦସ୍ୟ ଲାଡି ଶଙ୍କର ରାଓ, ଗଣେଶ ପାତ୍ର, ପ୍ରଭାତ ପାଣିଗ୍ରାହୀ, କେଶବ ସାହୁକାର, ନରେଶ ପାତ୍ର, ସୁଦାମ ପଣ୍ଡା, କେ. ରମେଶ ରାଜୁ, ପ୍ରମୋଦ ସାହୁକାର, ସୀତାରାମ ସାହୁ, କେ. ଶ୍ରୀନିବାସ, ବାଲାଜୀ ପାତ୍ର, ଦୁଃଖିଶ୍ୟାମ ସୁବୁଦ୍ଧି, ବିଦ୍ୟାଧର ଦାସ,ଦେବେନ୍ଦ୍ର ବେହେରା, ନବୀନ ଚନ୍ଦ୍ର ସାହୁ, ରଜନୀ ମିଶ୍ର, ରାମକୃଷ୍ଣ ପଣ୍ଡା ପ୍ରମୁଖଙ୍କୁ ଚୟନ କରାଯାଇଛି। ଖୁବ୍‌ଶୀଘ୍ର ଏକ ବୈଠକ କରି ମୁନିଗୁଡାର ବିଭିନ୍ନ ସମସ୍ୟା ଓ ପ୍ରଗତିକୁ ନେଇ ଆଲୋଚନା କରାଯିବ ବୋଲି ସମସ୍ତ କର୍ମକର୍ତ୍ତା ପ୍ରକାଶ କରିଥିଲେ ।

### ସଂସ୍କୃତ ଦିବସରେ ଗୀତା ଆବୃତ୍ତି ପ୍ରତିଯୋଗିତା

ଟିକିରି,୨୪।୮ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍ ଟିକିରିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ଗୀତା ଆବୃତ୍ତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରଞ୍ଜିତ ମିଶ୍ର ଆଧୁନିକ ଯୁଗରେ ସଂସ୍କୃତ ଭାଷାର ମହତ୍ତ୍ୱ ଓ ଆବଶ୍ୟକତା ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ସୁଜାତା ସାହୁ ପ୍ରଥମ, ରୁନିତା ନାଏକ ଦ୍ୱିତୀୟ, ଶିବାନୀ ସାହୁ ଓ ପ୍ରିୟଦର୍ଶନୀ ନାଏକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଗୀତା ଆବୃତ୍ତି ପ୍ରତିଯୋଗିତାରେ ଶ୍ରେୟାଂଶ୍ରୀ ତ୍ରିପାଠୀ ପ୍ରଥମ, ତୁଳା ସାହୁ ଦ୍ୱିତୀୟ, ରୁନିତା ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ଅଧକ୍ଷା ବକୁଳାରାଣୀ ଦାସ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସ୍ୱରୂପ ଭଗବଦ୍ ଗୀତା ପ୍ରଦାନ କରିଥିଲେ। ବିଦ୍ୟାଳୟର ସତ୍ୟନାରାୟଣ ସାହୁ, କ୍ରିଷ୍ଣାବେଣୀ ଭାଟ୍ଟି, ଭବାନୀ କୁମାରୀ ରଥ, ଗଣେଶ ସେଠୀ, ପଙ୍କଜ ଷଡ଼ଙ୍ଗୀ, ଗୀତାଞ୍ଜଳି ମାଝୀ, ସରୋଜ କୁମାର ନାୟକ, ରାଜେନ୍ଦ୍ର ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ରେଳ ଡିଭିଜନ ନିର୍ମାଣ କାମ ନେଇ ପ୍ରକାଶ ପାଇଲା ଟେଣ୍ଡର

ରାୟଗଡ଼ା, ୨୪।୮ (ଆଶିଷ ରଞ୍ଜନ ପଣ୍ଡା)




ଆରମ୍ଭ ହେବ ରାୟଗଡ଼ା ରେଳ ଡିଭିଜନ ପାଇଁ ନିର୍ମାଣ କାର୍ଯ୍ୟ। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ପୂର୍ବତଟ ରେଳବାଇ ପକ୍ଷରୁ ଏ ନେଇ ଟେଣ୍ଡର ପ୍ରକାଶ ପାଇଛି। ରେଳ ଡିଭିଜନ ଅନ୍ତର୍ଗତ ଡିଆରଏମ୍ ଅଫିସ କୋଠା, କର୍ମଚାରୀ କ୍ୱାର୍ଟର ସମେତ ଅନ୍ୟ ସମସ୍ତ କୋଠା ପାଇଁ ଏହି ଟେଣ୍ଡର ବାହାରିଛି। ୮୭ କୋଟି ୭୧ ଲକ୍ଷ ୬୫ ହଜାର ୧୮୬ ଟଙ୍କାର ୩ଟି ଇ-ଟେଣ୍ଡର ରେଲୱେ ବିଭାଗ ପକ୍ଷରୁ ପ୍ରକାଶ କରିଛି। ଆସନ୍ତା ସେପ୍ଟେମ୍ବର ୨୪ ତାରିଖ ସୁଦ୍ଧା ଟେଣ୍ଡର ଆବେଦନ ପାଇଁ ଶେଷ ତାରିଖ ରହିଛି। ଆଗାମୀ ଦିନରେ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ମଧ୍ୟ ଟେଣ୍ଡର ପ୍ରକାଶ ପାଇବ ବୋଲି ସୂଚନା ମିଳିଛି।

ପ୍ରକାଶଥାଉକି, ରାୟଗଡାରେ ରେଳ ଡିଭିଜନ ସ୍ଥାପନା ନେଇ ୨୦୧୯ ମସିହାରେ ତତ୍କାଳୀନ ରେଳମନ୍ତ୍ରୀ ପିୟୁଷ ଗୋୟଲ ସଂସଦରେ ଘୋଷଣା କରିଥିଲେ। ହେଲେ ୫ ବର୍ଷ ପରେ ମଧ୍ୟ କାମ ଆଗେଇ ନ ଥିଲା। ଫଳରେ କେନ୍ଦ୍ର ସରକାରଙ୍କୁ ବାରମ୍ବାର ବିଭିନ୍ନ ମହଲରୁ ପ୍ରଶ୍ନ ହୋଇଥିଲା। ଏଭଳି କି କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ମଧ୍ୟ ବହୁବାର ଲୋକ ସଭାରେ ପ୍ରଶ୍ନ କରିଥିଲେ। ଏହାପରେ ଗତ ଜୁଲାଇ ୨୬ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୭୦ କୋଟି ଟଙ୍କା ପ୍ରଥମ ପର୍ଯ୍ୟାୟରେ ପ୍ରଦାନ ହୋଇଥିବା ସୂଚନା ଦେଇଥିଲେ। ଏଥିସହ ଡିଜାଇନ ଓ ଯୋଜନା ପ୍ରସ୍ତୁତି ଚାଲିଛି ବୋଲି ମଧ୍ୟ କହିଥିଲେ। ଡିଜାଇନ ଶେଷ ପରେ ଏଥିପାଇଁ ବିଧିବଦ୍ଧ ସ୍ଥାନ ଚିହ୍ନଟ ହୋଇଥିଲା। ତେବେ ଶନିବାର ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅବିଭକ୍ତ କୋରାପୁଟ ଓ ପଡୋଶୀ କଳାହାଣ୍ଡି ଜିଲା ଲୋକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଟେଣ୍ଡର ପ୍ରକ୍ରିୟା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ରାୟଗଡା ରେଳ ଡିଭିଜନ ସହିତ କୋରାପୁଟ-ସିଙ୍ଗାପୁର ରୋଡ ଷ୍ଟେଶନ ମଧ୍ୟରେ ରେଳ ଧାରଣା ଦୋହରୀକରଣ କାର୍ଯ୍ୟ ପାଇଁ ମଧ ଟେଣ୍ଡର ବାହାରିଛି। ବର୍ତ୍ତମାନ ରାୟଗଡାଠାରୁ କୋରାପୁଟ ମଧ୍ୟରେ ସିଙ୍ଗଲ ରୁଟ୍ ହିଁ ରହିଛି। ଦୋହରୀକରଣ ହେଲେ ରାୟଗଡାଠାରୁ କୋରାପୁଟ, ନବରଙ୍ଗପୁର, ମାଲକାନଗିରି ସମେତ ପଡୋଶୀ ଛତିଶଗଡ ରାଜ୍ୟକୁ ରେଳ ଚଳାଚଳ ଆହୁରି ସୁବିଧା ହେବ।

# ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ



ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗୁଣପୁର,୨୪।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଭାଜପାର ଏକ ପ୍ରତିନିଧି ଦଳ ବରିଷ୍ଠ କାର୍ଯ୍ୟକର୍ତ୍ତା ୱାଇ.ଗଣପତିଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଗୁଣପୁର ଥେରୁବାଲି ରେଳ ସଂଯୋଗ ପାଇଁ ଜମି ଅଧିଗ୍ରହଣ କାମ ଦ୍ରୁତାନ୍ୱିତ କରିବା, ଜଳସେଚନ ପ୍ରକଳ୍ପ କାମ ଖୁବଶୀଘ୍ର ଆରମ୍ଭ କରିବା, ଗୁଣପୁର ମେଡ଼ିକାଲରେ ଶିଶୁ ରୋଗ ବିଶେଷଜ୍ଞ ଓ ଭେଷଜ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ମୀନାଝୁଲା ଓ ଦେବଗିରି ଶୈବ ପୀଠକୁ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରିବା, ଗୁଣପୁର ବିଧାନସଭା ଅଞ୍ଚଳକୁ ନେଇ ଗୁଣପୁର ଜିଲା ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏଥିରେ ରାଜ୍ୟ ଏସ୍‌ଟି ମୋର୍ଚ୍ଚାର ସମ୍ପାଦକ ବିଦ୍ୟାଧର ଶବର ଓ ଭାଜପା କାର୍ଯ୍ୟକର୍ତ୍ତା ଅମର କୁମାର ସାହୁ ଉପସ୍ଥିତ ଥିଲେ।

# ଉପକୃତ ହେବେ ୧୩୬ ଗ୍ରାମର ବାସିନ୍ଦା

ଗୁଣପୁର, ୨୪।୮ (ପ୍ରଦୀପ କୁମାର ପାଢ଼ୀ )

**ପିଏମ୍ ଜନମନ ସଚେତନତା କାର୍ଯ୍ୟକ୍ରମ**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଅନ୍ତର୍ଗତ ରେଜିଙ୍ଗତାଲ ଗ୍ରାମରେ ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା ପକ୍ଷରୁ ପିଏମ୍ ଜନମନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଆ ସୌରା ଉନ୍ନୟନ ଅଧିକାରୀ ଅସୀମା ରାଓଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା, ଗୁଣପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଶବର, ପୁଟାସିଂ ସରପଞ୍ଚ, ମେଡିକାଲ ଅଫିସର ନିହାର ରଞ୍ଜନ ପଟ୍ଟନାୟକ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଅଧିକାରୀ ପି.ସି.ଏଚ୍. ପାଢ଼ୀ, ମଙ୍ଗଳ ଅଧିକାରୀ ଧୀରେନ୍ଦ୍ର କୋଣ୍ଡାଗିରି ପ୍ରମୁଖ ମଞ୍ଚାସୀନ ଥିଲେ। ଗୁଣପୁର ବ୍ଲକ୍ ଅନ୍ତର୍ଗତ ୧୩୬ଟି ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ବସବାସ କରୁଥିବା ଆଦିମ ଜନଜାତିମାନେ କିଭଳି ଉକ୍ତ ଯୋଜନାରେ ସାମିଲ ହୋଇ ସେମାନଙ୍କର ମୌଳିକ ଅଧିକାର ପାଇପାରିବେ ସେ ନେଇ ସଚେତନ କରାଯାଇଥିଲା। ସମସ୍ତଙ୍କୁ ପକ୍କାଘର, ପ୍ରତ୍ୟେକ ଘରକୁ ନଳପାଣି, ପ୍ରତି ଗାଁକୁ ରାସ୍ତା, ଶିକ୍ଷା, ବିଜୁଳି, ସ୍ୱାସ୍ଥ୍ୟ ସୁବିଧା, ଟେଲିକମ୍ ବ୍ୟବସ୍ଥା ଭଳି ଅନେକ ସୁବିଧା ପିଏମ୍ ଜନମନ ଯୋଜନାରେ ପାଇପାରିବେ। କିନ୍ତୁ ଆବଶ୍ୟକ କାଗଜପତ୍ର ଅଭାବରୁ ଏହି ଯୋଜନାରୁ ବଞ୍ଚିତ ରହୁଥିବା ଆଦିବାସୀଙ୍କ ସୁବିଧା ପାଇଁ ବର୍ତ୍ତମାନ ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ, ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା, ଜଙ୍ଗଲ ଜମି ପଟ୍ଟା ବଣ୍ଟନ, ସିକଲସେଲ ରୋଗ ପାଇଁ ସ୍ୱାସ୍ଥ୍ୟ ଶିବିର, ଜାତି ପ୍ରମାଣପତ୍ର ବିଭିନ୍ନ ପଞ୍ଚାୟତରେ ସଚେତନ କାର୍ଯ୍ୟକ୍ରମ କରି ଶୀଘ୍ର ଯୋଜନାରେ ସାମିଲ କରାଯିବ ବୋଲି ସ୍ଥିର କରାଯାଇଛି । ୨୩ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୭ତାରିଖ ଯାଏଁ ଗୁଣପୁର ବ୍ଲକ୍‌ର ୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆୟୋଜନ କରାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ସ୍ୱତନ୍ତ୍ର ଅଧିକାରୀ କହିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ନିରୀକ୍ଷକ, କୃଷି ବିଭାଗ ଅଧିକାରୀ, ପଶୁ ସମ୍ପଦ ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଅତିଥିମାନେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ।

### ଉତ୍କଳ ଆଲୁମିନାରେ ରକ୍ତଦାନ ଶିବିର

ଟିକିରି,୨୪।୮ (ପ୍ରଫୁଲ୍ଲ କୁମାର ବେହେରା)

ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ସହଯୋଗୀ କମ୍ପାନୀ ଉତ୍କଳ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଉତ୍କଳ ଆଲୁମିନା ୟୁନିଟ ହେଡ୍ ରବି ମିଶ୍ର, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ସିଆରପିଏଫ କମାଣ୍ଡାଣ୍ଟ ଫିରୋଜ କୁଜୁରୁ, କାଶୀପୁର ବିଡିଓ ଅମୃତ ରାଓ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ୧୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।




### ଏଡ୍‌ସ ସଚେତନତା ଶିବିର

ମୁନିଗୁଡ଼ା,୨୪।୮ (ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏଡ୍‌ସ ସଂକ୍ରାନ୍ତୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିସହ ଏସ୍‌ଟିଆଇ ସଂକ୍ରମଣ ବିଷୟରେ ଆଇସିଟିସି କାଉନସିଲର ଅଜୟ କୁମାର ପରିଡ଼ା ଓ ସଚେତକ ଗୌରାଙ୍ଗ ଚରଣ ବାରିକ, ଟିବି ସୁପରାଇଜର ଆଲୋକ ପଣ୍ଡା ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବନଛୋର, ଭାରପ୍ରାପ୍ତ ଅଧକ୍ଷ ରମ୍ୟରଞ୍ଜନ ମିଶ୍ର ଓ ଅର୍ଜୁନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ୟାପିବାର କାରଣ ଓ ତାହାର ପ୍ରତିକାର ବିଷୟରେ ଆଇସିଟିସି ଟେକ୍ନିସିଆନ ଗୌରାଙ୍ଗ ଚରଣ ବାରିକ, ସନ୍ତୋଷ ପାଢ଼ୀ, ଖବରଦାତା ପ୍ରସାଦ ସାହୁକାର, ସଞ୍ଜୟ ନାଗ, କ୍ଷମା ସାଗର ଦାଶ, ଲାଡି ଶଙ୍କର ରାଓ ପିଲାଙ୍କୁ ବୁଝାଇଥିଲେ। ଏଥିସହ ଏଡ୍‌ସ ରୋଗୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସାମାଜିକ ଦୁର୍ବ୍ୟବହାର ରୋକିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ରଘୁନାଥ ରେଡି ଧନ୍ୟବାଦ ଅର୍ପଣ କରିଥିଲେ।

# ଗାୟତ୍ରୀ ଫାର୍ମାସି କଲେଜରେ ଆଣ୍ଟି ରାଗିଂ ସପ୍ତାହ




କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସଚେତନତା ସୃଷ୍ଟି କରୁଛନ୍ତି ।

ଗୁଣପୁର, ୨୪।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରସ୍ଥିତ ଗାୟତ୍ରୀ ଫାର୍ମାସି ମହାବିଦ୍ୟାଳୟରେ ଆଣ୍ଟି ରାଗିଂ ସପ୍ତାହ ପାଳିତ ହୋଇଯାଇଛି । ଏଥିସହ ବଢୁଥିବା ନାରୀ ନିର୍ଯାତନାକୁ କିପରି ରୋକାଯାଇପାରିବ ସେ ନେଇ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପ୍ରିନ୍ସିପାଲ ଡ.କାହ୍ନୁଚରଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଗିଂ କରିବା ଏକ ଦଣ୍ଡନୀୟ ଅପରାଧ। ତେଣୁ ଏହାଠାରୁ ଛାତ୍ରୀଛାତ୍ର ଦୂରେଇ ରହିବା ଉଚିତ ବୋଲି ପ୍ରିନ୍ସିପାଲ ନିଜ ବକ୍ତବ୍ୟରେ କହିଥିଲେ । ୟୁଜିସି ଏକ ନୋଟିସ ମାଧ୍ୟମରେ ଉଲ୍ଲେଖ କରିଛନ୍ତି, ଯେକୌଣସି ଛାତ୍ରୀଛାତ୍ର ଯଦି ରାଗିଂ ଶିକାର ହୁଅନ୍ତି, ସେମାନେ ଆଣ୍ଟି ରାଗିଂ ହେଲ୍ପଲାଇନ ନମ୍ବର ୧୮୦୦୧୮୦୫୫୨୨କୁ କଲ କରି ନିଜର ଅଭିଯୋଗ ଜଣେଇପାରିବେ। ଆବଶ୍ୟକସ୍ଥଳେ ର୍‍ୟାଗିଂ କରିଥିବା ଛାତ୍ର କିମ୍ବା ଛାତ୍ରୀ ଏବଂ ର୍‍ୟାଗିଂ ଶିକାର ହୋଇଥିବା ଛାତ୍ରୀଛାତ୍ର ଅଭିଭାବକଙ୍କ ଉପସ୍ଥିତିରେ ଅନୁଷ୍ଠାନ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି ଅନୁଷ୍ଠାନର ଅଧକ୍ଷ ଅକ୍ଷୟ ଦାସ ଓ ନିର୍ଦ୍ଦେଶକ ସଞ୍ଜୟ ସାହୁ କହିଥିଲେ। କାର୍ଯ୍ୟକ୍ରମକୁ ପ୍ରଶାସନିକ ଅଧିକାରୀ ପି.ଭି.କୋଟେଶ୍ୱର ପରିଚାଳନା କରିଥିଲେ।

# ଅଟୋ ଓଲଟି ୬ ଛାତ୍ରୀଛାତ୍ର ଆହତ, ୨ ଗୁରୁତର

ଅମ୍ବାଦଳା,୨୪।୮ (ରବୀନ୍ଦ୍ର ପଣ୍ଡା)

- ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ପାଇଁ ସିଟ୍ ମିଳୁନି
- ୩୦ କି.ମି ଦୂରରୁ ଯାଉଛନ୍ତି ପିଲା
- ୨ ବର୍ଷରେ ୩ ଥର ଦୁର୍ଘଟଣା

ଆଦର୍ଶ ବିଦ୍ୟାଳୟରେ ନିଜ ପିଲାଙ୍କୁ ପଢାଇବା ପାଇଁ ଅଭିଭାବକଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଉଛି। ସମ୍ପ୍ରତି ରାୟଗଡା ଜିଲା ମୁନିଗୁଡା ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ନିର୍ମାଣ ହୋଇଥିବା ବେଳେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କୁ ସିଟ ମିଳୁଛି । ହେଲେ ସହରାଞ୍ଚଳ ଶିକ୍ଷାର୍ଥୀଙ୍କୁ ମିଳୁନି ସିଟ୍। ଫଳରେ ଅମ୍ବାଦଳା ଓ ଏହାର ଆଖପାଖ ଅଞ୍ଚଳରୁ ପ୍ରାୟ ୩୦ରୁ ଅଧିକ ଛାତ୍ରୀଛାତ୍ର ଦୀର୍ଘ ୨୫ ରୁ ୩୦ କି.ମି ଦୂରରୁ ଅଟୋ, ବାଇକ ଓ ଅନ୍ୟ ଯାନବାହନ ଯୋଗେ ଯିବାଆସିବା କରୁଛନ୍ତି। ପ୍ରତିଦିନ ଏଭଳି ଯିବାଆସିବା ସମୟରେ ୨ ବର୍ଷ ମଧ୍ୟରେ ୩ ଥର ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହେଉଛି। ଶନିବାର ମଜ୍ଜୁରୁକୁପାଠାରେ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଏକ ଅଟୋ ଓଲଟିପଡ଼ିବାରୁ ୨ଜଣ ଛାତ୍ରୀଛାତ୍ର ଗୁରୁତର ହୋଇଥିବାବେଳେ ୪ଜଣ ଆହତ ହୋଇଛନ୍ତି। ଗୁରୁତରଙ୍କୁ ଅମ୍ବାଦଳା ସରକାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଳାହାଣ୍ଡି ଜିଲା ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲରେ ସ୍ଥାୟୀ ବ୍ୟବସ୍ଥା କିମ୍ବା ସ୍କୁଲ ପକ୍ଷରୁ ଅମ୍ବାଦଳା ଅଞ୍ଚଳକୁ ବସ୍ ବ୍ୟବସ୍ଥା କରାଯିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ବିଭିନ୍ନ ସମୟରେ ଅଭିଭାବକଙ୍କ ସହ ଅଞ୍ଚଳବାସୀ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନିମନ୍ତେ ହଷ୍ଟେଲ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ ଆଦର୍ଶ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗତ ଦିନରେ ଅମ୍ବାଦଳା ଥାନା ଅନ୍ତର୍ଗତ କରଡାବନ୍ଧଠାରେ ବିଦ୍ୟାଳୟକୁ ଯିବା ସମୟରେ ଅଟୋ ଦୁର୍ଘଟଣାରେ ୫ରୁ ଅଧିକ ଛାତ୍ରୀଛାତ୍ର ଗୁରୁତର ହୋଇଥିଲେ। ସେହିପରି ଖୁଣ୍ଟବାଡିଠାରେ ଅଟୋ ଦୁର୍ଘଟଣାରେ ୭ ଜଣ ଛାତ୍ରୀଛାତ୍ର ଗୁରୁତର ହୋଇଥିଲେ। ଘଟଣା ବିଷୟରେ ଆଦର୍ଶ ବିଦ୍ୟାଳୟ ଅଧକ୍ଷା ମିଳି ଷଣ୍ମୁଖଙ୍କୁ ପଚାରିବାରୁ ଛାତ୍ରବାସ କାମ ଚାଲୁ ରହିଛି। ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀବାସ ଥିବାବେଳେ ସେଗୁଡିକ ସମ୍ପୂର୍ଣ୍ଣ ରହିଛି। ବିଦ୍ୟାଳୟରେ ଆଉ ୨୦ ସିଟ୍ ବୃଦ୍ଧି କରିବା ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ଦିଆଯିବା ସହିତ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାଇଛନ୍ତି।

# କେଭିରେ ଯୁବ ସଂସଦ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର।

ରାୟଗଡ଼ା,୨୪।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଯୁବସଂସଦ କାର୍ଯ୍ୟକ୍ରମ ପିଏମ୍‌ଶ୍ରୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୫୦ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ପ୍ରତିଯୋଗୀମାନେ ସଂସଦର କାର୍ଯ୍ୟକ୍ରମକୁ ଏଠାରେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅଧକ୍ଷ ରାଜାରାମ ଉପସ୍ଥିତ ଥିଲେ। ଡି.ପି. ଦାଶ, ପ୍ରିତି ଟିକେ ଏବଂ କ୍ରିଷ୍ଣା ବାରାଇକ ବିଚାରକ ମଣ୍ଡଳୀ ରୂପେ କାର୍ଯ୍ୟ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡ. ରମେଶ ସାହୁ, ସାମାଜିକ ବିଜ୍ଞାନ ଶିକ୍ଷକ ମାୟାଧର ବିଶୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହା ଶିକ୍ଷାର୍ଥୀଙ୍କ ମନରେ ଗଣତାନ୍ତ୍ରିକ ଭାବନା ଏବଂ ଭବିଷ୍ୟତରେ ରାଜନେତା ହେବା ନିମନ୍ତେ ଇଚ୍ଛା ଜାଗୃତ ହେବ ବୋଲି ମୁଖ୍ୟ ଅତିଥି କହିଥିଲେ।

# ଜମାକାରୀ ଶିକ୍ଷା ସଚେତନତା କର୍ମଶାଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଏସ୍‌ଏଚଜି ସଦସ୍ୟ।

ଅମ୍ବାଦଳା,୨୪ ।୮ (ରବୀନ୍ଦ୍ର ପଣ୍ଡା )

ମୁନିଗୁଡା ବ୍ଲକର ଆମ୍ବଦଳା ଅମ୍ଳାଭଟା ଗ୍ରାମପଞ୍ଚାୟତ ସଭାଗୃହରେ ଏକ ଜମାକାରୀ ଶିକ୍ଷା ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଅମ୍ଳାଭଟା ସରପଞ୍ଚ ଗୁରୁବାରୀ ଭୋଇ, ଅମ୍ବାଦଳା ଥାନା ଆଇଆଇସି କଳ୍ପନା ବେହେରା, ମନୋଜ କୁମାର ମାଝୀ, ସାମାଜିକ କର୍ମୀ ସୀମାଞ୍ଚଳ ରଣା ଓ ମହାଶକ୍ତି ଫାଉଣ୍ଡେଶନର ପ୍ରତିଷ୍ଠାତା ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନରୁ ପାଇଥିବା ଋଣର ଉଚିତ୍ ବିନିଯୋଗ, ବ୍ୟବସାୟ ପାଇଁ ଆବଶ୍ୟକତା ଅନୁଯାୟୀ ଋଣ ଦରଖାସ୍ତ, ରୋଜଗାରଭିତ୍ତିକ ବ୍ୟବସାୟ ଆୟରୁ ଋଣ କିସ୍ତି ଫେରସ୍ତ ତଥା ଅତ୍ୟଧିକ ଋଣ ଭାରଗ୍ରସ୍ତ ନ ହେବା, ସାଇବର ଠକେଇ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଡିଜିଟାଲ ମାଧ୍ୟମରେ ଟଙ୍କା ଆଦାନ ପ୍ରଦାନ କରୁଥିଲେ ଆବଶ୍ୟକ ସର୍ତ୍ତକତା ବିଷୟରେ ବୁଝାଇଥିଲେ। ଅଜଣା ନମ୍ବରରୁ ଆସୁଥିବା କଲରେ ନିଜର ଗୋପନୀୟ ତଥ୍ୟ ନ ଦେବା ପାଇଁ ସୂଚନା ଦିଆଯାଇଥିଲା। ମହାଶକ୍ତି ଫାଉଣ୍ଡେଶନର ତାଲିମଦାତା ପ୍ରକାଶ ଚନ୍ଦ୍ର ସାହୁ, କେଶବ ପଶାୟତ ମହିଳାଙ୍କୁ ତାଲିମ ଦେଇଥିଲେ। ମାନସୀ ମହାନ୍ତି, ସୁବର୍ଣ୍ଣ ନାୟକ, କେଶବ ପଶାୟତ, ମୁନିଗୁଡା କ୍ଷେତ୍ର ଅଧିକାରୀ ବିମଳ କୁମାର ବିଶ୍ୱାଳ ଓ ଗ୍ରାମପଞ୍ଚାୟତର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କର୍ମଶାଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, ଗୋଷ୍ଠୀ ସହାୟିକା ଓ ମିଳିତ ଉତ୍ତର ଦାୟୀ ଗୋଷ୍ଠୀରୁ ୬୨ ସଦସ୍ୟ ଅଂଶ ଗ୍ରହଣ କରିଥିଲେ।

# ଅବଧି ସରିଲାଣି, ସରୁନି ବାଇପାସ୍ ରାସ୍ତା ନିର୍ମାଣ କାମ

ରାୟଗଡା, ୨୪।୮ (ଭାଗ୍ୟଶ୍ରୀ ମିଶ୍ର)

- ସହରରେ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ
- ଭାରିଯାନ ଚଳାଚଳ ଯୋଗୁ ଜମୁଛି ଭିଡ଼

ଦିନକୁ ଦିନ ରାୟଗଡ଼ା ସହରର ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ବର୍ଦ୍ଧିତ ଜନସଂଖ୍ୟା ସାଙ୍ଗକୁ କ୍ରମବର୍ଦ୍ଧିଷ୍ଣୁ ଯାନବାହନ ବୃଦ୍ଧି ଯୋଗୁ ସହରର ମୁଖ୍ୟ ରାସ୍ତା ଜାମ୍ ହେବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଅନ୍ୟପକ୍ଷରେ୨୦୨୨ରୁ ପିତାମହଲରୁ ସିରିକେଣା ଭାୟା ଟିକରପଡ଼ା ବାଇପାସ୍ ରୋଡ୍ କାମ ଆରମ୍ଭ ହୋଇଥିଲେ ମଧ୍ୟ ସରିବାର ନାଁ ନେଉନାହିଁ। ଚୁକ୍ତିର ୧ ବର୍ଷ ଭିତରେ ଅର୍ଥାତ୍ ୨୪।୦୫।୨୦୨୩ରେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଅବଧି ରହିଥିଲା। ହେଲେ ସମ୍ପୃକ୍ତ ଠିକା ସଂସ୍ଥା ଅବଧିକୁ ଘୁଞ୍ଚାଇ ୩୦।୩।୨୦୨୪ ପର୍ଯ୍ୟନ୍ତ ସମୟ ମାଗିଥିଲେ । ଉକ୍ତ ଅବଧି ମଧ୍ୟରେ ସୁଦ୍ଧା ବାଇପାସ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରି ନାହିଁ। ଠିକ୍ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରା ନ ଗଲେ ସମ୍ପୃକ୍ତ ଠିକାଦାରଙ୍କ ଉପରେ ଫାଇନ କରିବାର ନିୟମ ରହିଛି,ହେଲେ ସମ୍ପୃକ୍ତ ବିଭାଗ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନି ଏହାର ତଦନ୍ତ କରାଯିବାକୁ ଦାବି ହୋଇଛି।

ଜିଲା ଗଠନହେବା ଦିନରୁ ଏକ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ରାୟଗଡ଼ାବାସୀ ଦାବିକରି ଆସୁଥିଲେ। ତତ୍କାଳୀନ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ସମୟରେ ସହରର ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏକ ବାଇପାସ୍ ରାସ୍ତା ନିର୍ମାଣର ପ୍ରସ୍ତାବ ଦେଇଥିଲେ। ଏହା ପରେ ବିଭିନ୍ନ ବାଦବିବାଦ ଯୋଗୁ କାର୍ଯ୍ୟ ଆରମ୍ଭ ହେଉ ନ ଥିଲା । ୨୫।୫।୨୦୨୨ରେ ବାଇପାସ୍ ରୋଡ୍ ପିତାମହଲରୁ ସିରିକେଣା ଭାୟା ଟିକରପଡ଼ା(ଓଡିଆର୍-ଅଦର ଡିଷ୍ଟ୍ରିକ୍ଟ ରୋଡ୍)ରେ କାମ ଆରମ୍ଭ କରାଗଲା । ରାୟଗଡ଼ାର ଏକ ଠିକା ସଂସ୍ଥା ଅମ୍ବିକା କନ୍‌ଷ୍ଟ୍ରକ୍ସନକୁ ୧୦.୫ କି.ମି. ରାସ୍ତା କରିବାକୁ କାର୍ଯ୍ୟ ହସ୍ତାନ୍ତର କରାଗଲା। ୧୨ କୋଟି ୩୦ ଲକ୍ଷ ୮୧ ହଜାର ୨୨୪ ଟଙ୍କାରେ ଏହି କାର୍ଯ୍ୟ ପାଇଁ ଅନୁମୋଦନ କରାଯାଇଥିଲା । ଚୁକ୍ତି ଅନୁସାରେ ଏହି କାର୍ଯ୍ୟ ୨୪।୫।୨୦୨୩ରେ ସମ୍ପୂର୍ଣ୍ଣ କରିବାର ଅବଧି ରହିଥିଲା । ଏହି ସମୟ ମଧ୍ୟ କାମ ନ ସରିବାରୁ ସମ୍ପୃକ୍ତ ଠିକା ସଂସ୍ଥା ଅବଧିକୁ ଘୁଞ୍ଚାଇ ୩୦।୩।୨୦୨୪ ପର୍ଯ୍ୟନ୍ତ ସମୟ ମାଗିଥିଲେ । ହେଲେ ଉକ୍ତ ଅବଧି ଶେଷ ହୋଇଥିଲେ ସୁଦ୍ଧା ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଅବଧି ଶେଷ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରା ନ ଗଲେ ସମ୍ପୃକ୍ତ ଠିକାଦାରଙ୍କ ଉପରେ ଫାଇନ କରିବାର ନିୟମ ରହିଛି। ହେଲେ ସମ୍ପୃକ୍ତ ବିଭାଗ କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହିଁ ଏହାର ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି । ସେହିପରି କୌଣସି ସରକାରୀ କାର୍ଯ୍ୟ ଆରମ୍ଭ ହେଉଥିଲେ, ସେଠାରେ ଫଳକ ଲଗାଇବାର ନିୟମ ରହିଛି। ହେଲେ ଏଠାରେ ପ୍ରାୟ ୧୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାସ୍ତା କାମ ହେଉଥିଲେ ସୁଦ୍ଧା କୌଣସି ଫଳକ ଲଗାଯାଇ ନ ଥିବାରୁ କାର୍ଯ୍ୟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ବାଇପାସ୍ ରାସ୍ତାରେ ମାଳିପଡ଼ା ଏବଂ ତାଡ଼ମା ଗ୍ରାମକୁ ମିଶାଇ ପ୍ରାୟ ୬ କି.ମି. ରାସ୍ତା କାମ ଅତି ମନ୍ଥର ଗତିରେ ଚାଲିଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ (ରାସ୍ତା ଓ କୋଠା ) ନିର୍ବାହୀ ଯନ୍ତ୍ରୀ ଡିଭିଜନ-୧ର ଅମ୍ବିକେୟ ମିଶ୍ର କହିଛନ୍ତି, ଗ୍ରାମବାସୀଙ୍କ କିଛି ଜମି ବିବାଦ ଚାଲିଥିବାରୁ ରାସ୍ତା ନିର୍ମାଣରେ ବିଳମ୍ବ ହୋଇଛି। ଏବେ ଉକ୍ତ ସମସ୍ୟା ସମାଧାନ ହୋଇଛି । ଆମେ ରାସ୍ତା କାମ ତୁରନ୍ତ ସାରିବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି ।



ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଟ୍ରାଫିକ୍ ଜାମ୍ ।



ବାଇପାସ୍ ରାସ୍ତା କାମ ଚାଲିଛି।

# ‘ଦେଶ ସ୍ୱାଧୀନତାରେ ନବରଙ୍ଗପୁର ଜିଲାର ଭୂମିକା ଅନନ୍ୟ’

■ ଶହୀଦ ସ୍ମୃତି ଦିବସରେ ମଶାଲ ଶୋଭାଯାତ୍ରା
■ ଶହୀଦଙ୍କ ଉଦ୍ଦେଶ୍ୟରେ ଟୁରୀ ନଦୀରେ ତିଳତର୍ପଣ

ପାପଡ଼ାହାଣ୍ଡି ,୨୪।୮(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିସ୍ଥିତ ଶହୀଦ ମୀନାର ନିକଟରେ ଜିଲା ପ୍ରଶାସନ ପକ୍ଷରୁ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଡ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ଦିବସରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନବରଙ୍ଗପୁର ରକ୍ତତୀର୍ଥ ଭୂମି। ଦେଶ ସ୍ୱାଧୀନତାରେ ନବରଙ୍ଗପୁର ଜିଲାର ଭୂମିକା ଅନନ୍ୟ ଥିଲା। ପାଠ୍ୟ ପୁସ୍ତକରେ ଶହୀଦ ଦିବସକୁ ସ୍ଥାନ ଦେବା ପାଇଁ ଚେଷ୍ଟା କରିବୁ ବୋଲି ସେ କହିଥିଲେ।


ଶହୀଦଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ ।

ନବରଙ୍ଗପୁରରୁ ଆସିଥିବା ମଶାଲକୁ ଶହୀଦ ସ୍ମୃତି କମିଟି ସଭାପତି ମନୋରଞ୍ଜନ ତ୍ରିପାଠୀ ଓ ମା’ ଗୃହର କାଦମ୍ବିନୀ ତ୍ରିପାଠୀଙ୍କ ନେତୃତ୍ୱରେ ଅଣାଯାଇଥିଲା। ବସଷ୍ଟାଣ୍ଡ ଛକରୁ ଶହୀଦ ମିନାର ପର୍ଯ୍ୟନ୍ତ ପଦଯାତ୍ରା କରି ମଶାଲକୁ ନିଆଯାଇଥିଲା। ଶହୀଦ ସ୍ତମ୍ଭରେ ମଶାଲ ଅବତରଣ ପରେ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ମୃତି ସୌଧଠାରେ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଟୁରି ନଦୀ କୂଳରେ ଅମର ଶହୀଦଙ୍କ ଉଦ୍ଦେଶରେ ତିଳତର୍ପଣ କରାଯାଇଥିଲା। ଆରକ୍ଷୀ ବାହିନୀ ପକ୍ଷରୁ ସାମରିକ ଅଭିବାଦନ ଓ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ନୀରବ ପ୍ରାଥନା ଓ ସ୍ୱାଗତ ସଙ୍ଗୀତ, ସର୍ବଧର୍ମ ପାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଏମ୍ପି ବଳଭଦ୍ର ମାଝୀ, ରାଜ୍ୟସଭା ସଦସ୍ୟ ମୁଜିବୁଲ୍ଲା ଖାନ, ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରୀଗାଁ ବିଧାୟକ ନରସିଂହ ଭତରା, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ଏସ୍ପି ରୋହିତ ବର୍ମା ପ୍ରମୁଖ ଯୋଗ ଦେଇଥିଲେ। ନବରଙ୍ଗପୁରର ସଂଗ୍ରାମୀମାନେ ବ୍ରିଟିଶ ସରକାରଙ୍କ ଗୁଳିକୁ ନଡ଼ରି ବଳିଦାନ ଦେଇଥିଲେ। ଶିକ୍ଷାର ଶତପ୍ରତିଶତ ଉନ୍ନତି, ସ୍ୱାସ୍ଥ୍ୟ ଓ ଗମନାଗମନ ସମସ୍ତ ନିକଟରେ ପହଞ୍ଚାଇବାକୁ ଏକାଠି ଭାବେ ଲଢ଼େଇ କରି ସଫଳ ହେଲେ ଶହୀଦଙ୍କ ସ୍ୱପ୍ନ ପୂରଣ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଦଳଗତ ନିର୍ବିଶେଷରେ ନବରଙ୍ଗପୁର ଜିଲାର ଉନ୍ନତି ନେଇ ସମସ୍ତଙ୍କ ପ୍ରୟାସ ଜରୁରୀ ବୋଲି ରାଜ୍ୟ ସଭା ସଦସ୍ୟ ଖାନ୍ କହିଥିଲେ। ଭାରତ ଶିକ୍ଷା, ଆର୍ଥିକ କ୍ଷେତ୍ର ଓ ରଣ କ୍ଷେତ୍ରରେ ଆତ୍ମ ନିର୍ଭର ନ ହେବା ପର୍ଯ୍ୟନ୍ତ ଆମେ ସ୍ୱାଧୀନ ହୋଇ ନାହୁଁ ବୋଲି ଏମ୍ପି ମାଝି କହିଥିଲେ। ପୂର୍ବତନ ଏମ୍ପି ରମେଶ ଚନ୍ଦ୍ର ମାଝୀ, ରାଜ୍ୟସଭା ପୂର୍ବତନ ସଦସ୍ୟ ଭଗବାନ ମାଝୀ, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଡିଓ କପିଳଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିପିଓ ଶଶିକାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ। ଶହୀଦଙ୍କ ଦାୟାଦମାନଙ୍କୁ ପ୍ରଶାସନ ପକ୍ଷରୁ ସମ୍ମାନୀତ କରାଯାଇଛି।


ଟୁରୀ ନଦୀ ପୋଲଦେଇ ଯାଉଥିବା ମଶାଲ ଶୋଭାଯାତ୍ରା ।

## ବୈଜ୍ଞାନିକ ଚିନ୍ତାଧାରା ରଖିଲେ ସଫଳତା ମିଳିବ


କେନ୍ଦ୍ରୀୟ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀମାନେ।

ନବରଙ୍ଗପୁର,୨୪।୮(ସଦାଶିବ ପ୍ରହରାଜ)

ପ୍ରଥମ ଜାତୀୟ ମହାକାଶ ଦିବସ ନବରଙ୍ଗପୁର ଜିଲାସ୍ଥିତ ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଓ ପାପଡ଼ାହାଣ୍ଡି ବ୍ଲକ୍ର ଦଳେଇଗୁଡ଼ା ଲାଲବାହାଦୁର ଶାସ୍ତ୍ରୀ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଉଭୟ ସ୍କୁଲରେ ମହାକାଶ ଗବେଷଣା ସମ୍ପର୍କରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୧୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି।

ନବରଙ୍ଗପୁରର କେନ୍ଦ୍ରୀୟ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୁଣେସ୍ଥିତ ଡିଆଇଟି ଅନୁଷ୍ଠାନ ରୋବୋଟିକ୍ ବିଭାଗର ନିର୍ଦ୍ଦେଶକ ପ୍ରଫେସର ରାଧାକାନ୍ତ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ମହାକାଶ ଦିବସ ପାଳନର ଉଦ୍ଦେଶ୍ୟ ସହ ଚନ୍ଦ୍ରାୟନ-୨ ଓ ଚନ୍ଦ୍ରାୟନ-୩ର ତୁଳନାତ୍ମକ ପରିସଂଖ୍ୟାନ ଉପରେ ଆଲୋକପାତ କରିଥିଲେ। ଚନ୍ଦ୍ରାୟନ -୨ କ’ଣ ପାଇଁ ବିଫଳ ଓ ଚନ୍ଦ୍ରାୟନ-୩ର ସଫଳ ହେବା ସମ୍ପର୍କରେ ସେ ପିଲାମାନଙ୍କୁ ବୁଝାଇଥିଲେ। ଜୀବନରେ ବିଫଳତାକୁ ପାଥେୟକରି ସଫଳହେବା ଦ୍ୱାରା ସମସ୍ତ ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥିଭାବେ ଓର୍ମାସ୍ ଯୁଗ୍ମ ନିର୍ଦ୍ଦେଶକ ଏ. ଉମା ମହେଶ ମହାକାଶ ବିଜ୍ଞାନ ଶିକ୍ଷା ବିଷୟରେ ପରାମର୍ଶ ଦେଇଥିଲେ। ବିଜ୍ଞାନ ସଞ୍ଚାରକ ଲକ୍ଷ୍ମୀନାରାୟଣ ବକ୍ସି ମହାକାଶ ଗବେଷଣା ସଂସ୍ଥାନର ବିଭିନ୍ନ ଦିଗ ସମ୍ପର୍କରେ ମତ ଦେଇଥିଲେ। କିଭଳି ମହାକାଶ ବୈଜ୍ଞାନିକ ହୋଇପାରିବେ ଏବଂ ଭାରତରେ ରହିଥିବା ମହାକାଶ ବିଜ୍ଞାନ ଶିକ୍ଷା ଅନୁଷ୍ଠାନ ସମ୍ପର୍କରେ ଭିଡିଓ ମାଧ୍ୟମରେ ବୁଝାଇଥିଲେ। ହିତେଶ କୁମାର ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଜି.ସିଂ, ବ୍ରିଜେଶ ସରୋଜ, ଅମିତ୍ ଯାଦବ, ଶୁଭମ୍ ପଟ୍ଟନାୟକ ଓ ହରିଶ୍ଚନ୍ଦ୍ର ବେହେରା ଯୋଗଦେଇଥିଲେ।

ପାପଡ଼ାହାଣ୍ଡି ବ୍ଲକ୍ ଦଳାଏଗୁଡା ଲାଲବାହାଦୁର ଶାସ୍ତ୍ରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫେସର ରାଧାକାନ୍ତ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଜ୍ଞାନିକ ଚିନ୍ତାଧାରାରେ ଚଳିପାରିଲେ ସଫଳ ବ୍ୟକ୍ତି ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥିଭାବେ ଏହି କାର୍ଯ୍ୟକ୍ରମ ସଂଯୋଯୋକ ତଥା ବିଜ୍ଞାନ ସଞ୍ଚାଳକ ଲକ୍ଷ୍ମୀନାରାୟଣ ବକ୍ସି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଲିପିକା ଶତପଥୀ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଆଭାସି ମାଧ୍ୟମରେ ବିକାଶ ବିଦ୍ୟାଳୟ ସମ୍ବଲପୁର, କମ୍ ଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗଦେଇଥିଲେ। କମଲେଶ୍ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଛୁରି ଦେଖାଇ ଲୁଟ, ଅଭିଯୁକ୍ତ ଗିରଫ

ଜୟପୁର, ୨୪।୮(ପବନ ପାଣିଗ୍ରାହୀ)

ଛୁରି ଦେଖାଇ ଲୁଟ୍ ମାମଲାରେ ଜୟପୁର ସଦର ପୋଲିସ ଖଇରିମୁଣ୍ଡିର ରୁପୁ ହରିଜନଙ୍କୁ ଗିରଫ କରିଛି। ବୋରିଗୁମ୍ମା ଥାନା ଅଧୀନ କୋଷାଗୁଡା ଗ୍ରାମର ଡମ୍ବୁରୁଧର ଜାନୀ ଗତକାଲି ରାସ୍ତା କାମ କରୁଥିବାବେଳେ ଶିବଗୁଡ଼ା ନିକଟରେ ଅଭିଯୁକ୍ତ ଛୁରି ଦେଖାଇ ମୋବାଇଲ ଓ ୩ ହଜାର ୫ ଶହ ଟଙ୍କା ନେଇଯାଇଥିଲେ। ଏନେଇ ଅଭିଯୋଗ ହେବାରୁ ପୋଲିସ ୨୫୮/୨୪ ମାମଲା ରୁଜୁ କରିତଦନ୍ତ ଆରମ୍ଭ କରିଥିଲା। ଏଥିରେ ରୁପୁଙ୍କ ସମ୍ପୃକ୍ତି ଥିବା ଜାଣି ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ଡ୍ରାଇଭର ଗିରଫ

ଜୟପୁର, ୨୪।୮(ପବନ ପାଣିଗ୍ରାହୀ)

ମଦ୍ୟପାନ କରି ଗାଡି ଚଲାଇବା ଅଭିଯୋଗରେ ଜୟପୁର ଟାଉନ ପୋଲିସ କର୍ଣାଟକର ଆର୍. ଭି. ଚନ୍ଦ୍ରଶେଖର (୩୮)ଙ୍କୁ ଗିରଫ କରିଛି। ଶୁକ୍ରବାର ରାତିରେ ଜୟପୁର ଟାଉନ ପୋଲିସ ପୁରୁଣାଗଡ଼ ଛକରେ ଗାଡି ଯାଞ୍ଚ କରିବା ସମୟରେ ଟ୍ରକ୍କୁ ଯାଞ୍ଚ କରିଥିଲା। ଏହି ସମୟରେ ଡ୍ରାଇଭର ଚନ୍ଦ୍ରଶେଖର ମଦ୍ୟପାନ କରି ଗାଡ଼ି ଚଲାଉଥିବା ଜାଣି ପୋଲିସ ତାଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରିଥିବା ଜୟପୁର ଟାଉନ ଥାନାଧିକାରୀ ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

## ଜିଲାପାଳଙ୍କୁ ଗାଁ ସାଥୀ ସଂଘର ଦାବିପତ୍ର

ଦଶମନ୍ତପୁର ବ୍ଲକରେ ବେଆଇନ କାର୍ଯ୍ୟ ଚାଲିଥିବା ଅଭିଯୋଗ

କୋରାପୁଟ,୨୪।୮(ଅମିତାଭ ବେହେରା)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ବେଆଇନ କାର୍ଯ୍ୟ ଚାଲୁଥିବା ନେଇ ଗାଁ ସାଥୀ ସଂଘ ଅଭିଯୋଗ କରିଛି। ତୁରନ୍ତ ଏହାକୁ ବନ୍ଦ କରି ସରକାରଙ୍କ ନିୟମାନୁଯାୟୀ କାର୍ଯ୍ୟ କରିବାକୁ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ସଭାପତି କୃପାସିନ୍ଧୁ ସାଉଁତା ପ୍ରକାଶ କରିଛନ୍ତି।

ଗାଁସାଥୀ (ମେଟ) କ୍ରିୟାନୁଷ୍ଠାନ କମିଟି ଦଶମନ୍ତପୁର ବ୍ଲକ ଶାଖାର ସଭାପତି ଶ୍ରୀ ସାଉଁତ ଓ ସମ୍ପାଦକ ଗଙ୍ଗାଧର ସାଉଁତାଙ୍କ ଶହ ବ୍ଲକର ସମସ୍ତ ପଞ୍ଚାୟତରେ କାର୍ଯ୍ୟକରୁଥିବା ଗାଁସାଥୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ବିନା ପଲ୍ଲୀ କାର୍ଯ୍ୟ କରାଯାଉଛି। ଏହାର ପ୍ରତିବାଦ କଲେ ଗାଁସାଥୀ (ମେଟ)ମାନଙ୍କୁ କାର୍ଯ୍ୟରୁ ବାହାର କରି ନିଜ ପିଲାଙ୍କୁ ଗାଁ ସାଥିରେ ନକଲି ରିଜୁଲେସନରେ ନିଯୁକ୍ତି ଦିଆଯାଉଛି। ବର୍ଷ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ମେଟମାନଙ୍କୁ ବାହାର କରିଦିଆଯାଉଛି। ୨୦୦୮ରେ ନିଯୁକ୍ତି ପାଇଥିବା ଗାଁସାଥୀ(ମେଟ)ଙ୍କର ଫାଇନାଲ ଚିଠା ବର୍ତ୍ତମାନ ସୁଦ୍ଧା ପ୍ରକାଶ କରାଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ ସହ ସମସ୍ତ କାର୍ଯ୍ୟ ପଲିସଭା ମାଧ୍ୟମରେ କରିବାକୁ ଦାବି ହୋଇଛି। ଏହି ଅବସରରେ ନରସିଂହ ଜାନି, ଧନପତି ହନ୍ତାଳ , ଭୀମ ଜାନି, ଗୋବିନ୍ଦ ସାଉଁତା, ତିଲୁ ନାୟକ, ବନମାଳୀ ଗୌଡ଼, ବୁଟି ଜାନିଙ୍କ ସହିତ ବହୁ ଗାଁ ସାଥୀ ସାମିଲ ଥିଲେ।

## ଦେଶୀ ମଦ ଚାଲାଣବେଳେ ଚଢ଼ାଉ ୫ ଅଭିଯୁକ୍ତ ଗିରଫ

ଜୟପୁର, ୨୪।୮(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଅବକାରୀ ଥାନା ଓ ନିରିକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ସମୟରେ ପୃଥକ୍ ସ୍ଥାନରେ ଦେଶୀମଦ ଚାଲାଣ କରୁଥିବା ୫ ଜଣଙ୍କୁ ଗିରଫ କରାଯାଇଛି। ନୀଳାଗୁଡା ଗ୍ରାମ ରାସ୍ତାରେ ଚଢ଼ାଉ ବେଳେ ସୋନୁ ଭଇଁସା, ଲକ୍ଷ୍ମଣ ନାୟକ ଓ ବଳରାମ ଭଇଁସାଙ୍କୁ ଗିରଫ କରାଯାଇଛି। ସେହିଭଳି ବାଲିଆ ଛକରେ ଚଢ଼ାଉବେଳେ ବୈପାରିଗୁଡ଼ା ଥାନା ଅଧୀନ ଡେଙ୍ଗାକୁସୁମଗୁଡ଼ା ଗ୍ରାମର ଭଗପତି ବିଷୋୟୀଙ୍କୁ ଗିରଫ କରାଯାଇଛି। ବଙ୍ଗାଳବାଡ଼ ସାହିରେ ଚଢାଉ କରାଯାଇଥିଲା। ସେଠାରୁ ଦେଶୀ ମଦ ଚାଲାଣବେଳେ କଳାଗୁଡା ଅଶିଷ କନ୍ଦପାନଙ୍କୁ ଗିରଫ କରାଯାଇଛି। ବିଭିନ୍ନସ୍ଥାନରୁ ଗିରଫ ଅଭିଯୁକ୍ତମାନଙ୍କଠାରୁ ୧୧୭ ଲିଟର ଦେଶୀ ମଦ, ୨ ବାଇକ ଜବତ କରାଯାଇଥିବା ଅବକାରୀ ନୀରିକ୍ଷକ ଶଶିକାନ୍ତ ଦତ୍ତ ଓ ଅବକାରୀ ଓଆଇସି ନିଳାଦ୍ରୀ ବିହାରୀ ମିଶ୍ର ସୂଚନା ଦେଇଛନ୍ତି।

## କୋଟପାଡ଼ରେ ଜାତୀୟ ମହାକାଶ ଦିବସ




କୋଟପାଡ଼, ୨୪।୮(କେ.ରାଜଶେଖର ରାଓ)

କୋଟପାଡ଼ ସରକାରୀ ଉଚ୍ଚବାଳକ ବିଦ୍ୟାଳୟରରେ ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପୂର୍ବତନ ବିଜ୍ଞାନ ଶିକ୍ଷକ ଭେଙ୍କଟରାଓ ନାଇଡୁ ମୁଖ୍ୟ ଅତିଥି, ଭିଡିଓ କନ୍ଫରେନ୍ସରେ ଇସ୍ରୋର ଅବସରପ୍ରାପ୍ତ ବୈଜ୍ଞାନିକ ପ୍ରଫେସର୍ ରାଜଗୋପାଲାନ ମୁଖ୍ୟ ବକ୍ତା, ସମ୍ମାନନୀୟ ଅତିଥିଭାବେ ବିଦ୍ୟାଳୟ ପୂର୍ବତନ ଛାତ୍ର ତଥା ବୈଜ୍ଞାନିକ ଆମୃତ୍ତୁରି ବିଶ୍ୱନାଥ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋକୁଳ ଚନ୍ଦ୍ର ପାଢି ଉପସ୍ଥିତ ଥିଲେ। ଦୈନନ୍ଦିନ ଜୀବନରେ ବୈଜ୍ଞାନିକ ଚିନ୍ତନ ପ୍ରୟୋଗ ଦ୍ୱାରା ନୂତନ ଉଦ୍ଭାବନ କରି ବିଶ୍ୱ ଦରବାରରେ ଭାରତର କୀର୍ତ୍ତିରାଜିର ଅଭିବୃଦ୍ଧି ସାଧନରେ ପ୍ରତ୍ୟେକ ଛାତ୍ରୀଛାତ୍ର ସହାୟକ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଆହ୍ୱାନ କରାଯାଇଛି। ଉଭୟ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦିଆଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ବ୍ରହ୍ମଦତ୍ତ ମିଶ୍ର ପରିଚାଳନା କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡଲି ହନ୍ତାଳ ତଦାରଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସୌମ୍ୟରଞ୍ଜନ ରଥ, ସାମନ୍ତ ବେନିଆ, ଦିବ୍ୟ ମହାନ୍ତି, ଅରବିନ୍ଦ ଦଳବେହେରା, ନବୀନ ଖିଲ, ଜଗବନ୍ଧୁ କଟା, କମଳା ଭତରା, ଗାୟତ୍ରୀ ଦିଶାରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ତେଲନଦୀରୁ ମହିଳାଙ୍କ ଗଳିତ ମୃତଦେହ ଜବତ

ମିଳିନି ମୃତକଙ୍କ ପରିଚୟ

ଝରିଗାଁ,୨୪।୮(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ପୋଲିସ ତେଲନଦୀ ମଧ୍ୟରୁ ଶୁକ୍ରବାର ରାତି ପ୍ରାୟ ୯ଟାରେ ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ କରିଛି। ଶନିବାର ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ। ତେଲନଦୀ ପଞ୍ଚାୟତସ୍ଥିତ ଗଦଗଦା ଗ୍ରାମ ନିକଟରେ ପ୍ରବାହିତ ହେଉଥିବା ତେଲନଦୀର ଏକ ପଥର କୋରଡ଼ ମଧ୍ୟରେ ୩ଦିନ ପୂର୍ବରୁ ଗ୍ରାମବାସୀ ଏକ ମୃତଦେହ ଦେଖିଥିଲେ ମଧ୍ୟ ଭୟରେ ପୋଲିସକୁ ଖବର ଦେଇ ନ ଥିଲେ । ତେଲନଦୀ ସରପଞ୍ଚ ରାଜୁ ହରିଜନ ଘଟଣା ସମ୍ପର୍କରେ ଜାଣିବା ପରେ ଶୁକ୍ରବାର ଅପରାହ୍ନରେ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଝରିଗାଁ ଥାନାରେ କେସ୍. ନଂ ୧୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁକରାଯାଇଛି। ଥାନା ଏସ୍ଆଇ କେ. ଲକ୍ଷ୍ମୀନାରାୟଣ ଦୋରା, ଅଗ୍ନିଶ୍ରମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ଗଳିତ ମୃତଦେହ ଜବତ କରିଥିଲେ। ସମ୍ପୃକ୍ତ ମହିଳାଙ୍କ ସମ୍ପର୍କରେ ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ ସୁଦ୍ଧା କୌଣସି ସୂଚନା ମିଳି ନ ଥିଲା। ଝରିଗାଁ ଅତିରିକ୍ତ ତହସିଲଦାର ଅହଲ୍ୟା ମୁଦୁଲିଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତଦେହକୁ ୭୨ଘଣ୍ଟା ପର୍ଯ୍ୟନ୍ତ ଉମରକୋଟସ୍ଥିତ ମର୍ଚ୍ଚୁରିରେ ରଖାଯିବ ବୋଲି ତଦନ୍ତକାରୀ ଏସ୍ଆଇ କହିଛନ୍ତି।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନୀରବ ଶୋଭାଯାତ୍ରା

ବଳାତ୍କାର, ହତ୍ୟା ଘଟଣାର ପୀଡ଼ିତା ମହିଳା ଡାକ୍ତରଙ୍କୁ ନ୍ୟାୟ ଦାବି

କୋରାପୁଟ,୨୪।୮(ଅମିତାଭ ବେହେରା)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ବଳାତ୍କାର ପରେ ହତ୍ୟାର ଶିକାର ହୋଇଥିବା ମହିଳା ଡାକ୍ତରଙ୍କୁ ନ୍ୟାୟ ଦାବିରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, କର୍ମଚାରୀ ଓ ଅଧ୍ୟାପକମାନେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ । କ୍ୟାଣ୍ଡେଲ, ପୋଷ୍ଟର, ପ୍ଲାକାର୍ଡ ଓ ବ୍ୟାନର ଧରି ଛାତ୍ରୀ ନିବାସରୁ ଏକାଡେମିକ ବ୍ଲକ୍ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିଥିଲା। ସମସ୍ତ ବିଭାଗର ଶତାଧିକ ଛାତ୍ରୀଛାତ୍ର, କର୍ମଚାରୀ ଓ ଅଧ୍ୟାପକ ଯୋଗଦେଇଥିଲେ। ମହିଳା ଡାକ୍ତରଙ୍କ ଆତ୍ମାର ଶାନ୍ତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ପ୍ରଫେସର ଏସ୍ .କେ. ପାଲିତା, ଭରତ ପଣ୍ଡା, ଡ. କପିଳା ଖେମୁଣ୍ଡୁ, ଡ. ନିଖିଲ ଗୌଡ଼ା, ଡ. ପଦ୍ମଚରଣ ମିଶ୍ର, ଡାକ୍ତର ଦୀପ୍ତିଶଙ୍କର, ଡ. ଚକ୍ରଧର ପଧାନ, ଡ. ରାମେନ୍ଦ୍ର କୁମାର ପାଢ଼ୀ, ଡ. ସୁନୀତ ପାଶ୍ୱାନ, ଡ. ଶ୍ରୀକନ ଅର୍ଲେ, ଡ. ଅଞ୍ଜନେଲ୍ୟୁ ଥୋଟାପଲ୍ଲୀ, ଡ. ରବିତା ପାଠକ, ଡ. ମିନତି ସାହୁ ଡ.ନୂପୁର ପଟ୍ଟନାୟକ, ଡାକ୍ତର ମନୋଜ ସିଂହ, ସୌରଭ ଗୁପ୍ତା, ଗୌରବ କୁମାର, ସୁମିତ ବେହେରା, ପ୍ରସନ୍ନଜିତ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ଡିଜେଏମ୍ସିର ପିଏଚ୍ଡି ସ୍କଲାର ଆର୍. ଦେବେନ୍ଦ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରତୁପର୍ଣ୍ଣା ପଣ୍ଡା, ଆଲିଆ ବର୍ଗୀ, ଜୋସୁଆ ଅମୋସ୍, ଦେବଜାନୀ ଘୋଷ, ହିନ୍ଦୋଳ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଆୟୋଜନରେ ସହାୟତା କରିଥିବା ନେଇ ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।


ନୀରବ ଶୋଭାଯାତ୍ରାରେ ସାମିଲ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅନ୍ୟମାନେ ।

## ନାଟକ, କବିତାରେ ଜଙ୍ଗଲ ସୁରକ୍ଷା ବାର୍ତ୍ତା

ଜିଲାସ୍ତରୀୟ ଜଙ୍ଗଲ ଅଧିକାର ଆଇନ ୨୦୦୬ ସପ୍ତାହ ପାଳନ କାର୍ଯ୍ୟକ୍ରମ

ପଟ୍ଟାଙ୍ଗି, ୨୪।୮(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗିରେ ଆଇଟିଡିଏ ଏବଂ ଏଫ୍ଇଏସ୍ କୋରାପୁଟ ମିଳିତ ଆନୁକୂଲ୍ୟରେ ବ୍ଲକ୍ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ‘ଜିଲାସ୍ତରୀୟ ଜଙ୍ଗଲ ଅଧିକାର ଆଇନ ୨୦୦୬’ ସପ୍ତାହ ପାଳନ ହୋଇଯାଇଛି। ପିଏ ଆଇଟିଡିଏ ତପନ କୁମାର ନାୟକ, ଏମ୍ପି ପ୍ରତିନିଧି ଶୁକ୍ରା ଖରା, ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କା, ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ଜଙ୍ଗଲ ବିଭାଗ ଅଧିକାରୀ ସୁଶାନ୍ତ ସେଠୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନୀଲ ସେଠୀ, ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକ, ମାଲିପୁଟ ସରପଞ୍ଚ ସମନାଥ ଗୁଣ୍ଟା, ଦେଓପଟ୍ଟାଙ୍ଗି ସରପଞ୍ଚ ନରେନ୍ଦ୍ର ବଡ଼ନାୟକ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଗଛକୁ ପାଣି ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ।



ଅତିଥିଙ୍କ ସହ ଜଙ୍ଗଲ ଜମି ପଟ୍ଟା ପାଇଥିବା ବ୍ୟକ୍ତି ଓ ଅନ୍ୟମାନେ।

ଜଙ୍ଗଲକୁ ନେଇ ସଚେତନତା ସୃଷ୍ଟି ପାଇଁ ସଂସ୍କୃତି ମହାକୁଡ଼ ଏବଂ ସସ୍ମିତା ମିଶ୍ର ନାଟକ ମାଧ୍ୟମରେ ବାର୍ତ୍ତା ଦେଇଥିଲେ। ଜଙ୍ଗଲ ସୁରକ୍ଷା, ସଂରକ୍ଷଣ ଓ ପରିଚାଳନା ଦିଗରେ ଜଙ୍ଗଲ ଅଧିକାର ଆଇନ କିପରି ସହାୟକ ହେଇପାରିଛି, ଏହା ମାଧ୍ୟମରେ ଗରିବ ତଥା ଅନୁସୂଚିତ ଜନଜାତି ଓ ଅନ୍ୟ ପାରମ୍ପରିକ ବନବାସୀ କିପରି ଉପକୃତ ହେଉଛନ୍ତି ସେ ନେଇ ନାଟକରେ ପରିବେଷଣ କରାଯାଇଛି। ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ସ୍ୱରଚିତ କବିତା ମାଧ୍ୟମରେ ଜଙ୍ଗଲର ସୁରକ୍ଷା ଉପରେ କହିଥିଲେ। ସରକାର ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରୁଛନ୍ତି। ପରବର୍ତ୍ତୀ ସମୟରେ ଉକ୍ତ ଜଙ୍ଗଲ ଜମି ପଟ୍ଟାକୁ ଅଣଜଙ୍ଗଲ ଜମିରେ ପରିଣତକରି ବିଭିନ୍ନ କମ୍ପାନୀ ହାତକୁ ଟେକିଦେଉଛନ୍ତି ବୋଲି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କହିଥିଲେ। କୋଟିଆ ପଞ୍ଚାୟତର ୨୪, ମାଲିପୁଟର ୧, ଗଙ୍ଗରାଜପୁରର ୪ ଓ ଦେଓପାଟ୍ଟାଙ୍ଗିର ୯ଟି ଗାଁଙ୍କୁ ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ଗୋଷ୍ଠୀ ସମ୍ବଳ ଅଧିକାର ସ୍ୱୀକୃତି ବଣ୍ଟନ କରାଯାଇଛି। ସୁଲିଆମାରି ଗାଁର ୩୨ଟି, ମଜାଗୁଡ଼ାର ୨୬ଟି ଓ ସେମିଳିଗୁଡା ବ୍ଲକ୍ ଅଧୀନ ଦୁଧାରି ପଞ୍ଚାୟତର ମନ୍ଦାରଗୁଡ଼ା ଗ୍ରାମର ୧୫ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସ୍ୱୀକୃତି ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏଫ୍ଆର୍ଏ ସଂଯୋଜିକା ସ୍ମୃତିଧାରା ଓ ସ୍ୱପ୍ନା ମହାରଣା ପରିଚାଳନା କରିଥିଲେ। ଏଫ୍ଇଏସ୍ ଅନୁଷ୍ଠାନର ରଘୁରାମ ମୁଠାଇ, ଦିଲୀପ ଚମ୍ପି, କୃତିକା ମହାନ୍ତି, ଦିଲୀପ ଖସ୍ଲା, ବିଜୟ ଟପ୍ପୋ, ଆଲୋକ ମହାରଣା, ତପନ ଖସ୍ଲା, ତ୍ରିନାଥ ଗୁଣ୍ଠା, ମୋହନ ଜାନୀ, ପ୍ରସନ୍ତ ପାଙ୍ଗୀ, ସୁଶ୍ରୀତା ମିଶ୍ର, କେ. ମୁରଲୀ କ୍ରିଷ୍ଣା ଏବଂ ଉଭୟ ପଟ୍ଟାଙ୍ଗି ଓ ସେମିଳିଗୁଡା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆତ୍ମାନା ଖରା, ବିଶ୍ୱନାଥ ତାଡିଙ୍ଗି ଓ ଅଜୟ ଦଳେଇ ପ୍ରମୁଖଙ୍କ ସେମିଳିଗୁଡା ଏବଂ ପଟ୍ଟାଙ୍ଗି ବ୍ଲକ୍ରୁ ଆସିଥିବା ଜଙ୍ଗଲଜମି ପଟ୍ଟାଧାରୀ ଉପସ୍ଥିତ ଥିଲେ। ଏଫ୍ଇଏସ୍ ଅନୁଷ୍ଠାନ ସହ ଜଡ଼ିତ ହୋଇ କାମ କରୁଥିବା ବିଭିନ୍ନ ପଞ୍ଚାୟତର ଗୋଷ୍ଠୀ ସାଧନ ବ୍ୟକ୍ତି କାର୍ଯ୍ୟକ୍ରମ ଆୟୋଜନ ଏବଂ ପରିଚାଳନାରେ ସହଯୋଗ କରିଥିଲେ।

